# ଆଖୁବାଡ଼ରେ ଅଗ୍ନିକାଣ୍ଡ; ୩୦ ଏକର ଆଖୁଚାଷ ନଷ୍ଟ

**କୋଷାଗୁମୁଡ଼ା, ୨୮।୩(ସମିସ)**



ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ ସାନଆମଡ଼ା ପଞ୍ଚାୟତ ଅନ୍ତର୍ଗତ ଏସ୍. କେରାଗାଁରେ ଆଖୁବାଡ଼ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୩୦ ଏକର ଜମିରେ ଥିବା ଆଖୁଚାଷ ପୋଡ଼ି ନଷ୍ଟ ହୋଇଯାଇଛି। ଏଥିରେ ୧୯ ଜଣ ଆଖୁ ଚାଷୀ କ୍ଷତିଗ୍ରସ୍ତ ହୋଇଥିବାବେଳେ ଚାଷୀମାନେ ତାଙ୍କ ଆଖୁବାଡ଼ରେ ୨ ଜଣ ବ୍ୟକ୍ତି ନିଆଁ ଲଗାଇ ପୋଡ଼ି ଦେଇଥିବା ନେଇ କୋଷାଗୁମୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଏସ୍. କେରାଗାଁର ଚାଷୀ ତ୍ରିଲୋଚନ ଭତ୍ରା, ସିଦ୍ଧାର୍ଥ ରନ୍ଧାରୀ, ଚୈତନ୍ୟ ରନ୍ଧାରୀ, ଅର୍ଜୁନ ତେତେଲଖୁଣ୍ଟିଆ, ରାମଧର ସମରଥ, ସୁଦର୍ଶନ ଭଣ୍ଡାରୀ, ଲକ୍ଷ୍ମଣ ସମରଥ, ମୁକୁନ୍ଦ ଭଣ୍ଡାରୀ, ସନାଧର ଭଣ୍ଡାରୀ, ଗୋବିନ୍ଦ ମାଝୀ, ଗୁରୁବନ୍ଧୁ ରନ୍ଧାରୀ, ସୁକୁଦାସ ମାଝୀ, ମୋତିରାମ ଗଣ୍ଡା, ଲଖମୁ ସମରଥ, ଗଙ୍ଗାଧର ରନ୍ଧାରୀ, ଜଗନ୍ନାଥ ସମରଥ, ତିଳ ସମରଥ, ଧନୁ ସମରଥ ଓ ତୁଳସିରାମ ନାୟକ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଏକର ଜମିରେ ଆଖୁଚାଷ କରିଥିଲେ। ହଠାତ୍ ତାଙ୍କ ଆଖୁବାଡ଼ରେ ଅଗ୍ନିକାଣ୍ଡ ଘଟିଥିବା ସେମାନେ ଖବର ପାଇଥିଲେ। ଏହାପରେ ଗୁଣ୍ଡରୀଗୁଡ଼ାର ଧରମୁ ଭଣ୍ଡାରୀ ଓ ସୁଦର ଭଣ୍ଡାରୀ ଆଖୁବାଡ଼ରେ ନିଆଁ ଲଗାଇଥିବା ନେଇ ଏସ୍. କେରାଗାଁର ଗୁରୁବନ୍ଧୁ ରନ୍ଧାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଏକ ମାମଲା(୭୫/୨୪) ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଛି ବୋଲି କୋଷାଗୁମୁଡ଼ା ଥାନାଧିକାରୀ ଉମେଶ ନାୟକ କହିଛନ୍ତି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଫସଲ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କ୍ଷତିଗ୍ରସ୍ତ ୧୯ ଜଣ ଚାଷୀ ଋଣ ଆଣି ଆଖୁଚାଷ କରିଥିଲେ। ଆଖୁବାଡ଼ରେ ନିଆଁ ଲାଗିଥିବା ଦେଖି ଗ୍ରାମବାସୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିବା ସହ କୋଟପାଡ଼ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ୩୦ ଏକରରୁ ଅଧିକ ଫସଲ ନିଆଁରେ ପୋଡ଼ି ନଷ୍ଟ ହୋଇଯାଇଥିବା କ୍ଷତିଗ୍ରସ୍ତ ଚାଷୀମାନେ କହିଛନ୍ତି। ବ୍ଲକ୍ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ ଘଟଣାସ୍ଥଳ ପରିଦର୍ଶନ କରିବା ସହ ସେମାନଙ୍କୁ ସାହାଯ୍ୟ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ସରକାରୀ ସହାୟତା ପ୍ରଦାନ ପାଇଁ ସମୂହ କ୍ଷତିଗ୍ରସ୍ତ ଚାଷୀମାନେ ନବରଙ୍ଗପୁର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି।

**୨ ଜଣଙ୍କ ନାଁରେ ଅଭିଯୋଗ ଆଣିଲେ କ୍ଷତିଗ୍ରସ୍ତ ଚାଷୀ**

# କିନ୍ନର ସଂଘ ସଦସ୍ୟଙ୍କ ଦକ୍ଷତା ବିକାଶ ନେଇ ବୈଠକ

**ନବରଙ୍ଗପୁର,୨୮।୩(ସମିସ):** ନବରଙ୍ଗପୁର ଗାନ୍ଧୀନଗର ତପୋବନ ପରିସରରେ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ରାୟଗଡ଼ାରୁ ଆସିଥିବା ମା' ମାଝୀ ଗୌରୀ ସଂଗଠନର ମୁଖ୍ୟ ପିଙ୍କି ମା'ଙ୍କ ସଭାପତିତ୍ୱରେ ନବରଙ୍ଗପୁର ଜିଲ୍ଲା କିନ୍ନର ସଂଘର ସଦସ୍ୟମାନଙ୍କୁ ନେଇ ଦକ୍ଷତା ବିକାଶ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର କିନ୍ନରମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ସଭାରେ କିନ୍ନର ସଂଘର ସଭାପତି କାଜଲ ଏବଂ ସମ୍ପାଦକ ଚୁମୁକି ବର୍ଷ ତମାମ କିନ୍ନର ସଂଘର ଉପଲବ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା କିନ୍ନର ସଂଘ ହେବା ପରଠାରୁ ଯେଉଁ କିନ୍ନର ସରକାରଙ୍କ ଯୋଜନା ମୁତାବକ ଚାଉଳ ଏବଂ ପେନସନ୍ ପାଉ ନ ଥିଲେ ସେମାନଙ୍କୁ ତାହା ପ୍ରଦତ୍ତ କରାଗଲା ବୋଲି ସୂଚନା ଦେଇଥିଲେ।

ସେହିପରି ଜିଲ୍ଲା ଇତିହାସରେ ପ୍ରଥମ ଥର ପାଇଁ କିନ୍ନରମାନଙ୍କ ପାଇଁ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଗଲା। ଏଥି ସମେତ ନବରଙ୍ଗପୁର ଜିଲ୍ଲା ମଧ୍ୟରେ ବେସରକାରୀ ବସରେ କିନ୍ନରମାନଙ୍କ ପାଇଁ ପାସର ବ୍ୟବସ୍ଥା କରାଯାଇଛି। ଉଜ୍ଜ୍ୱଳା ଯୋଜନାରେ ଅଳ୍ପ କେତେକ କିନ୍ନର ଗ୍ୟାସ୍ ଏବଂ ଚୁଲା ପାଇଥିବାବେଳେ ଅନ୍ୟମାନଙ୍କ ପାଇଁ ଆବେଦନ କରାଯାଇଛି। ଏହାର ସମାଧାନ ଖୁବଶୀଘ୍ର କରାଯିବା ନେଇ ପ୍ରୟାସ କରାଯାଉଛି ବୋଲି ସଭାରେ ଉପସ୍ଥିତ ଅତିଥିମାନଙ୍କୁ ସୂଚନା ଦିଆଗଲା। ସରକାରଙ୍କ ତରଫରୁ କିନ୍ନରମାନଙ୍କ ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ ଭୁବନେଶ୍ୱରରୁ ଆସିଥିବା ରୋଜାଲିନ୍ ସାହୁ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏଥି ସମେତ ସରକାରଙ୍କଠାରେ କିନ୍ନରମାନଙ୍କ ପାଇଁ ଜାଗା ସହ ଗୃହ ଯୋଗାଇଦେବା ନିମନ୍ତେ ଆଗାମୀ ଦିନରେ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ସଭାରେ ନିଷ୍ପତ୍ତି ନିଆଗଲା। ଏଥିସହିତ ନବରଙ୍ଗପୁର ପୌରପାଳିକା, ଜିଲ୍ଲା ଡାକ୍ତରଖାନା ଏବଂ ଅନ୍ୟ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟମାନଙ୍କରେ କିନ୍ନରମାନଙ୍କୁ ଚାକିରି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବା ନିମନ୍ତେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅନୁରୋଧ କରାଯିବା ନିମନ୍ତେ ସଭାରେ ନିଷ୍ପତ୍ତି ନିଆଗଲା। ଅନ୍ୟମାନଙ୍କ ମଧ୍ୟରେ ଗୁଗୁ କିନ୍ନର, ବର୍ଷା କିନ୍ନର, ଇପ୍ସିତା କିନ୍ନର, ସନା କିନ୍ନର, ଅନିତା କିନ୍ନର, ବୋଇଦି କିନ୍ନରଙ୍କ ସମେତ ସଂଘର ଅନ୍ୟ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଯେଉଁ ଜିଲ୍ଲାର କିନ୍ନର ସେହି ଜିଲ୍ଲାରେ ଟୋଳି କରିବେ ବୋଲି ଭୁବନେଶ୍ୱରଠାରେ ଅନୁଷ୍ଠିତ ସଭାରେ ନିଷ୍ପତ୍ତି ନିଆଯାଇଛି ବୋଲି ପିଙ୍କି ମା' ଜଣାଇବା ପରେ ଜିଲ୍ଲାର ସମସ୍ତ କିନ୍ନର ଖୁସିବ୍ୟକ୍ତ କରିଥିଲେ। ଆଗାମୀ ଦିନରେ କଳାହାଣ୍ଡିର ଯେଉଁ କେତେକ କିନ୍ନର ନବରଙ୍ଗପୁର ଜିଲ୍ଲାରେ ବିନା ଅନୁମତିରେ ପ୍ରବେଶ କରୁଥିଲେ, ସେମାନେ ଆସିବା ବନ୍ଦ କରିଦେଲେ ନବରଙ୍ଗପୁର ଜିଲ୍ଲା ଏବଂ କଳାହାଣ୍ଡି ଜିଲ୍ଲା କିନ୍ନରମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ ବୋଲି ସଂଘର ସଭ୍ୟମାନେ ମତବ୍ୟକ୍ତ କରିଥିଲେ। ଉଭୟ ଜିଲ୍ଲାର କିନ୍ନରମାନେ ମନୋମାଳିନ୍ୟ ନ କରି ଏକାଠି ନିଜ ନିଜ ସମସ୍ୟା ନିଜ ଜିଲ୍ଲାରେ ସମାଧାନ କରିବା ପାଇଁ ପିଙ୍କି ମା' ସମସ୍ତଙ୍କୁ ଅନୁରୋଧ କରିଥିଲେ। ଶେଷରେ ସଂଯୋଜକ ରୋଜାଲିନ୍ ସାହୁ ଉପସ୍ଥିତ ସମସ୍ତ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

■ କେବଳ ବୈଠକରେ ଚାଲିଛି ଜଙ୍ଗଲ ସୁରକ୍ଷା

# ଜଳୁଛି ବୈପାରୀଗୁଡ଼ାର ବିଭିନ୍ନ ଜଙ୍ଗଲ



**ବୈପାରୀଗୁଡ଼ା,୨୮।୩(ସମିସ)**

ଘଞ୍ଚ ଜଙ୍ଗଲକୁ ନେଇ ବୈପାରୀଗୁଡ଼ା ଦିନେ ପରିଚୟ ପାଇଥିଲା। ପ୍ରତି ବର୍ଷ ପୋଡୁଚାଷ ସହ ଜଙ୍ଗଲ କଟା, ବନ୍ୟଜନ୍ତୁ ଶିକାର ଯୋଗୁଁ ବୈପାରୀଗୁଡ଼ାର ଜଙ୍ଗଲ ସହ ଜଙ୍ଗଲ ଜୀବ ନଷ୍ଟ ହେବାକୁ ବସିଥିବାବେଳେ ବନ ବିଭାଗର ଜଙ୍ଗଲ ସୁରକ୍ଷା ବାର୍ତ୍ତା କେବଳ ଖାତା କଲମ ଏବଂ ବୈଠକରେ ହିଁ ସୀମିତ ରହିଛି। ଦୁଇ ଦିନ ତଳେ ବୈପାରୀଗୁଡ଼ା ବନ ବିଭାଗ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଉଚ୍ଚସ୍ତରୀୟ ପଦାଧିକାରୀଙ୍କ ଉପସ୍ଥିତିରେ ଜଙ୍ଗଲ ସୁରକ୍ଷା ନେଇ ବୈଠକ ହୋଇଥିଲା। ବୈଠକ ହେବାର ସନ୍ଧ୍ୟାରେ ହିଁ କାଠପଡ଼ା ଗାଁ ନିକଟ ଜଙ୍ଗଲ ଜଳୁଥିବା ନଜରକୁ ଆସିଥିଲା। ଏଥିସହ ଚନ୍ଦ୍ରପଡ଼ା ପଞ୍ଚାୟତ, ଦଶମନ୍ତପୁର ପଞ୍ଚାୟତର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥିବାବେଳେ ବନ ବିଭଗ କର୍ମଚାରୀ କିନ୍ତୁ କେବଳ କାର୍ଯ୍ୟାଳୟଠାରେ ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମ କରି ଜଙ୍ଗଲ ସୁରକ୍ଷା ଦାୟିତ୍ୱ ସାରୁଥିବା ଅଭିଯୋଗ ହୋଇଛି। ତୁରନ୍ତ ଜଙ୍ଗଲରେ ନିଆଁକୁ ଆୟତ୍ତ କରିବା ସହ ଜଙ୍ଗଲ ପୋଡ଼ିକୁ ରୋକିବା ଦିଗରେ ବନ ବିଭାଗ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ରକ୍ତଦେଇ ମହନୀୟତାର ପରିଚୟ ଦେଲେ ସାମ୍ବାଦିକ

**ମାଲକାନଗିରି,୨୮।୩(ସମିସ)**



ରକ୍ତଦାନ ଏକ ମହତ କାର୍ଯ୍ୟ ହୋଇଥିବାବେଳେ ଅନେକ ସମୟରେ ବିଭିନ୍ନ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ପରିଲିଖିତ ହୁଏ। ତେବେ ମାଲକାନଗିରି ଭଳି ଆଦିବାସୀ ବହୁଳ ଜିଲ୍ଲାରେ ମଧ୍ୟ ବିଭିନ୍ନ ସମୟରେ ରକ୍ତ ଭଣ୍ଡାରରେ ରକ୍ତଭାବ ଦେଖା ଦେଉଥିବାବେଳେ ଏହାକୁ ଦୂର କରିବା ପାଇଁ ଅନେକ ଯୁବ ଗୋଷ୍ଠୀ ସକ୍ରିୟ ଭାବେ ଜିଲ୍ଲାରେ ରୋଗୀଙ୍କୁ ରକ୍ତ ଯୋଗାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏହିକ୍ରମରେ ଜିଲ୍ଲାର କିଛି ସାମ୍ବାଦିକମାନେ ମଧ୍ୟ ରକ୍ତ ଦୂର କରିବା ପାଇଁ ଏକ ପ୍ରୟାସ ଜାରି ରଖିଥିବାବେଳେ ହୋଲି ଉତ୍ସବ ସମୟରେ ମାଲକାନଗିରିକୁ ବୁଲିବାକୁ ଆସି ରକ୍ତ ଦେଇ ଜଣେ ମହିଳାଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇଛନ୍ତି 'ସକାଳ' ଖବର କାଗଜର ଜୟପୁର ସଂସ୍କରଣର ସହ ସମ୍ପାଦକ ଦୀପକ ପଣ୍ଡା। ହୋଲି ଛୁଟି ସମୟରେ ସେ ମାଲକାନଗିରି ଜିଲ୍ଲାକୁ ଆସି ପରେ ଜୟପୁରକୁ ଫେରିବା ପାଇଁ ବାହାରିଥିଲେ। କିନ୍ତୁ ଏହି ସମୟରେ ଜଣେ ମହିଳାଙ୍କୁ ରକ୍ତର ଆବଶ୍ୟକତା ଥିବା ନେଇ କିଛି ସାମ୍ବାଦିକ ବନ୍ଧୁଙ୍କଠାରୁ ଜାଣିବା ପରେ ତୁରନ୍ତ ସେର ରକ୍ତ ଦେବାକୁ ଆଗ୍ରହ ପ୍ରକାଶ କରିଥିଲେ। ଯାହାଫଳରେ ମହିଳାଙ୍କୁ ରକ୍ତ ମିଳିଥିବାବେଳେ ତାଙ୍କ ପରିବାର ଲୋକେ ଦୀପକଙ୍କୁ ବେଶ ପ୍ରଶଂସା କରିଛନ୍ତି। ଜୟପୁରରୁ ମାଲକାନଗିରି ବୁଲିବାକୁ ଆସି ରକ୍ତ ଦେଇଥିବାରୁ ସେ ଖୁସିପ୍ରକଟ କରିଥିଲେ। ତେବେ 'ସକାଳ' ଖବରକାଗଜର ଜିଲ୍ଲା ସାମ୍ବାଦିକ ଅଶୋକ ମିଶ୍ର, ଭିଡିଓ ଗ୍ରାଫର ରାହୁଲ ଗୋଲରି ଏବଂ ଅନ୍ୟ ସାମ୍ବାଦିକମାନେ ଦୀପକଙ୍କୁ ଉତ୍ସାହିତ କରିବା ସହ ତାଙ୍କର ଏପରି କାର୍ଯ୍ୟକୁ ବେଶ୍ ପ୍ରଶଂସା କରିଥିଲେ।

# ଟ୍ରାକ୍ଟରରୁ ଖସି ଚାଳକ ମୃତ

**ମାଲକାନଗିରି,୨୮।୩(ସମିସ):** ଜିଲ୍ଲା ସଦରରେ ଥିବା ବାଲିସାଗର ବନ୍ଧର ପୁନଃଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ମାଟି ଉଠାଇବା କାର୍ଯ୍ୟରେ ନିୟୋଜିତ ଥିବା ଏକ ଟ୍ରାକ୍ଟରରୁ ପଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି। ବାଲିସାଗର ବନ୍ଧର ପୁନଃଉଦ୍ଧାର କାର୍ଯ୍ୟ ପୌର ପରିଷଦ ପକ୍ଷରୁ କରାଯାଉଥିବାବେଳେ ବନ୍ଧର ଗଭୀରତାକୁ ବୃଦ୍ଧି କରିବା ପାଇଁ ମେସିନ ଦ୍ୱାରା ଖନନ କାର୍ଯ୍ୟ କରାଯାଉଥିବା ସହ ମାଟି ସ୍ଥାନାନ୍ତର ପାଇଁ ଅନେକ ଟ୍ରାକ୍ଟର ମଧ୍ୟ ନିୟୋଜିତ ହୋଇଥିଲା। ତେବେ ଏହି ଟ୍ରାକ୍ଟର ମଧ୍ୟରେ ଥିବା ଓଡି ୩୦ସି ୩୫୬୯ ଗାଡ଼ିର ଚାଳକ ପଦ୍ମନ କବାସୀ ମାଟି ନେଇ ଯାଉଥିବାବେଳେ ହଠାତ ଗାଡ଼ିରୁ ଖସି ପଡ଼ିଥିଲେ ଏବଂ ତାଙ୍କ ଉପରେ ଚକା ଚଢ଼ି ଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ତୁରନ୍ତ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଏନେଇ ପଦ୍ମନଙ୍କ ଭାଇ ସମା କବାସୀ ମାଲକାନଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଯେଉଁଥିରେ ସେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ବଡ଼ ଭାଇ ପଦ୍ମନଙ୍କ ଫିଡ୍ସ ରୋଗ ଥିବାରୁ ସେ ଅନେକ ସମୟରେ ଅଚେତ ହୋଇ ପଡ଼ିଯାଉଥିଲେ। ଗତକାଲି ମଧ୍ୟ ତାଙ୍କର ଏହି ଫିଡ୍ସ କାରଣରୁ ସେ ଅଚେତ ହୋଇ ପଡ଼ି ଯାଇଥିବାରୁ ଏହିପରି ଦୁର୍ଘଟଣା ଘଟିଥିବା ସେ ଉଲ୍ଲେଖ କରିଛନ୍ତି। ତେବେ ଏନେଇ ମାଲକାନଗିରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ବହୁ ବର୍ଷର ଶିବଲିଙ୍ଗଙ୍କୁ ଉଦ୍ଧାର କଲେ ଗ୍ରାମବାସୀ

**କୋଷାଗୁମୁଡ଼ା, ୨୮।୩(ସମିସ):**



ବହୁ ବର୍ଷ ତଳର ଶିବଲିଙ୍ଗଙ୍କୁ ସାଧକଙ୍କ ଦ୍ୱାରା ଉଦ୍ଧାର କରି କୋଷାଗୁମୁଡ଼ା ବ୍ଲକ୍ ସନ୍ତୋଷପୁର ପଞ୍ଚାୟତର ଏ. କୋକଡ଼ାଗୁଡ଼ାରେ ଥିବା ପଥରକ୍ୱାରୀ ନିକଟରେ ପୁନଃ ସ୍ଥାପିତ କରିଛନ୍ତି ସ୍ଥାନୀୟ ଗ୍ରାମବାସୀ। ତେଲିଗୁଡ଼ାର ଗୋବର୍ଦ୍ଧନ ଗୌଡ଼ଙ୍କ କହିବା ପ୍ରକାରେ, ବହୁ ବର୍ଷ ତଳେ ପଥରକ୍ୱାରୀ ନିକଟରେ ଏକ ଶିବ ମନ୍ଦିର ଥିଲା। ପ୍ରାକୃତିକ ବିପର୍ଯ୍ୟୟରେ ହଠାତ୍ ଉକ୍ତ ମନ୍ଦିରଟି ବିଲିନ ହୋଇ ପାତାଳି ହୋଇଯାଇଥିବା କହିଛନ୍ତି। ବର୍ତ୍ତମାନ ତେଲିଗୁଡ଼ା ଗାଁର ଜଣେ ସାଧକ ଚନ୍ଦ୍ରଶେଖର ମିର୍ଗାନ ଉକ୍ତ ସ୍ଥାନରେ ନବରାତ୍ରୀ ତପସ୍ୟାର ସିଦ୍ଧିଲାଭ ସକାଶେ କିଛିଦିନ ହେବ ସେହି ସ୍ଥାନକୁ ସଫାସୁତରା କରୁଥିବାବେଳେ ହଠାତ୍ ଜଳକୁଣ୍ଡ ମଧ୍ୟରୁ କିଛି ଆଭାସ ପାଇଥିଲେ। ପରେ ସ୍ଥାନୀୟ ଜନସାଧାରଣଙ୍କ ସହ ଜଳକୁଣ୍ଡ ଗୁମ୍ଫା ମଧ୍ୟରେ ପ୍ରବେଶ କରି ଏକ ଶିବ ଲିଙ୍ଗ ଉଦ୍ଧାର କରିଥିଲେ। ଶିବ ଲିଙ୍ଗ ଉଦ୍ଧାର ପରେ ତାହାକୁ କ୍ଷୀର, ନୀର, ମହୁରେ ସ୍ନାନ କରାଯିବା ସହ ପୂଜାର୍ଚ୍ଚନା କରାଯାଇ ପୁନଃ ପଥରକ୍ୱାରୀ ନିକଟରେ ସ୍ଥାପନା କରାଯାଇଛି। ଶିବ ଲିଙ୍ଗ ସ୍ଥାପନା ପରେ ବର୍ତ୍ତମାନ ସେହି ସ୍ଥାନକୁ ଭୋଳା ଶଙ୍କରଙ୍କ ଦର୍ଶନ କରିବା ପାଇଁ ପଡ଼ୋଶୀ ଛତିଶଗଡ଼ ଏବଂ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବାରେ ଲାଗିଛି।

# ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନାରେ ୨ ଲକ୍ଷ ଟଙ୍କା ସହାୟତା



**କୋଷାଗୁମୁଡ଼ା, ୨୮।୩(ସମିସ):**

କଟାଗାଁର ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ପରିଚାଳକ ଓଁ ପ୍ରକାଶ ବୁଡେକ ଏବଂ କୋଷାଧ୍ୟକ୍ଷ ଜ୍ୟୋତିପ୍ରକାଶ ବାରାଙ୍କ ଉପସ୍ଥିତିରେ ସ୍ଥାନୀୟ ମୃତ ସୁଦର କଲାରଙ୍କ ବିଧବା ପତ୍ନୀ ଶକୁନ୍ତଳା କଲାରଙ୍କୁ ନୋମିନି ଭାବରେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ମାଧ୍ୟମରେ ପ୍ରାୟ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ପାଇଁ ବର୍ଷକୁ ମାତ୍ର ୪୪୯ଟଙ୍କାରେ ବୀମା କରିବା ଦ୍ୱାରା ପରିବାରର ନୋମିନିଙ୍କୁ ଏହି ସୁବିଧା ମିଳିଥାଏ। ପ୍ରତ୍ୟେକ ବ୍ୟାଙ୍କ ଆକାଉଣ୍ଟ ଥିବା ଗ୍ରାହକମାନଙ୍କ ପାଇଁ ସରକାରଙ୍କ ଏକ ଜନହିତକର ଯୋଜନା ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଗରିବ ନିଃସହାୟ ପରିବାର ଏହି ଯୋଜନା ମାଧ୍ୟମରେ ଉପକୃତ ହୋଇପାରିବେ ବୋଲି ବ୍ୟାଙ୍କ ପରିଚାଳକ ଓଁ ପ୍ରକାଶ କରିଛନ୍ତି।

# ଜାତୀୟ ସେବା ଯୋଜନାରେ ସାମିଲ ହେବାକୁ ଆହ୍ୱାନ

**ନବରଙ୍ଗପୁର,୨୮।୩(ସମିସ):** ନବରଙ୍ଗପୁର ଜିଲ୍ଲାର ଟିର୍ଲିଅମ୍ବଗୁଡ଼ାଠାରେ ଥିବା ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ଚାଲିଥିବା ସାତ ଦିନିଆ ସ୍ୱତନ୍ତ୍ର ଶିବିର ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଛାତ୍ର ଜୀବନର ମହନୀୟତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ଯୋଗଦେଇ ଜାତୀୟ ସେବା ଯୋଜନା ଏକ ଦାୟିତ୍ୱ ନୁହଁ, ବରଂ ଏହା ଏକ ବ୍ରତ କହିଲେ ଭୁଲ୍ ହେବ ନାହିଁ ଏବଂ ଏହି ବ୍ରତରେ ସମସ୍ତେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ବିନୋଦ ବିହାରୀ ପ୍ରଧାନ ଯୋଗ ଦେଇ ଜାତୀୟ ସେବା ଯୋଜନା କ'ଣ, ସ୍ୱେଚ୍ଛାସେବୀମାନଙ୍କ ଦାୟିତ୍ୱ କ'ଣ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟକ୍ଷ ବିନୋଦ ବିହାରୀ ବେହେରା ସ୍ୱେଚ୍ଛାସେବୀମାନେ ଯେପରି ନିଜର ପଢ଼ାପଢ଼ି ସାଙ୍ଗରେ ନିଜ ପରିବାର ସମାଜ ଓ ଗାଁର ମଙ୍ଗଳ କରି ପାରିବେ, ସେ ବିଷୟରେ ସେମାନେ ଯେପରି ଅଜ୍ଞ ନ ରୁହନ୍ତି, ସେଥିପ୍ରତି ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ରାଜୀବ ଜାଲ ସାତ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ପାଠ କରିଥିଲେ। ଅଧ୍ୟାପିକା ଜିବିବି ରଞ୍ଜିତା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହାପରେ ଅତିଥିମାନଙ୍କ ଦ୍ୱାରା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରଞ୍ଜୁଲତା କହଁର, ନୀଳକଣ୍ଠ ତ୍ରିପାଠୀ, ସୋନୁ ସାହୁ, ଶ୍ରବଣ ପୂଜାରୀ, ସୁମନ୍ତ ବାଘେଲ୍, ନୀଳାଚଳ ଦାସ, ସୁଲୋଚନା ନାୟକ, ବିକ୍ରମ ଭକ୍ତ, ପଲ୍ଲବୀ ସାହୁଙ୍କ ସମେତ ଶିବିରର ସମସ୍ତ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।




# ସେଞ୍ଚୁରିଅନରେ କୁନିକୁନି ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ସ୍ନାତକ ସମ୍ମାନ



**ରାୟଗଡ଼ା,୨୮।୩(ସମିସ):** ରାୟଗଡ଼ା ସହର ଉପଖଣ୍ଡ ପିତାମହଲ ସ୍ଥିତ ସେଞ୍ଚୁରିଅନ ବିଦ୍ୟାଳୟରେ ଅଧ୍ୟୟନରତ ପ୍ରାଥମିକ ସ୍ତରର ୟୁକେଜିରୁ ପ୍ରଥମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ସ୍ନାତକ ସମ୍ମାନ ଦିଆଯାଇଛି। ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ପ୍ରତି ଉତ୍ସାହିତ କରିବା ଦିଗରେ ସ୍ନାତକ ପୋଷାକ ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ମୁଖ୍ୟଅତିଥି ରୂପେ ଶିକ୍ଷାବିତ ଡ.ଦୁଷ୍ମନ୍ତ କୁମାର ମହାନ୍ତି ଯୋଗଦେଇଥିବାବେଳେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢ଼ୀ, ଅଧ୍ୟକ୍ଷ ରାଧାକୃଷ୍ଣ ମହାପାତ୍ର, ଉପାଧ୍ୟକ୍ଷ ସସ୍ମିତା ପ୍ରଧାନୀ, ସେଞ୍ଚୁରିଅନ ପ୍ରଶାସନିକ ଅଧିକାରୀ ସୁସ୍ମିତା ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଶ୍ରୀ ମହାନ୍ତି ଓ ଉପସ୍ଥିତ ସମସ୍ତ ଅଭିଭାବକମାନେ ଏଭଳି ଅଭିନବ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

# ଦୁର୍ଘଟଣାରେ ବୃଦ୍ଧା ମୃତ; କ୍ଷତିପୂରଣ ଦାବିରେ ରାସ୍ତାରୋକ

**ଉମରକୋଟ,୨୮।୩(ସମିସ)**



ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ସାନଭରଣ୍ଡି ଗ୍ରାମରେ ରାସ୍ତା ପାର୍ ହେଉଥିବା ସମୟରେ ସଡ଼କ ଦୁର୍ଘଟଣାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ବୃଦ୍ଧା ଜଣକ ହେଲେ ସାନଭରଣ୍ଡି ଗ୍ରାମର ଗୌରୀ ମାଝୀ (୮୦)। ଘଟଣାକୁ ନେଇ କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକେ ରାସ୍ତାରୋକ କରିଛନ୍ତି। ଫଳରେ ଉମରକୋଟଠାରୁ ନବରଙ୍ଗପୁର ଯୋଗାଯୋଗ ବ୍ୟାହତ ହୋଇଥିଲା। ପ୍ରାପ୍ତ ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅନ୍ତର୍ଗତ ସାନଭରଣ୍ଡି ଗ୍ରାମ ୩୯ ନମ୍ବର ରାଜ୍ୟ ରାଜପଥରେ ଏକ ଛତୁ ବୋଝେଇ ପିକ୍‌ଅପ୍ (ସିଜି୦୪ପିବି୨୭୩୦) ଭ୍ୟାନ୍ ରାୟପୁରଠାରୁ ନବରଙ୍ଗପୁର ଛତୁ ନେଇ ଯାଉଥିଲା। ଏହି ସମୟରେ ସାନଭରଣ୍ଡି ଗ୍ରାମର ଗୌରୀ ମାଝୀଙ୍କୁ ରାସ୍ତା ପାର୍ କରୁଥିବା ସମୟରେ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଗୌରୀଙ୍କ ମୃତ୍ୟୁ ଘଟିଥିଲା। ଏହାପରେ କ୍ଷତିପୂରଣ ଦାବିରେ ଗ୍ରାମବାସୀ ଓ ପରିବାର ଲୋକେ ମୃତଦେହ ରଖି ୩୯ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଫଳରେ ଉମରକୋଟଠାରୁ ନବରଙ୍ଗପୁରକୁ ଯାତାୟାତ ବ୍ୟାହତ ହୋଇଥିଲା। ଖବର ପାଇ ଉମରକୋଟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଗାଡ଼ି ଚାଳକ ଓ ହେଲପରଙ୍କୁ ଗିରଫ କରିଛି। ପୁଲିସ ବୁଝାସୁଝା କରିବା ପରେ ଆନ୍ଦୋଳନରୁ ଗ୍ରାମବାସୀ ହଟିଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ପ୍ରଫୁଲ୍ଲ କୁମାର ମଲ୍ଲିକ୍

ଆବିର୍ଭାବ: ୨୩.୦୭.୧୯୬୪
ତିରୋଧାନ: ୧୫.୦୩.୨୦୨୪

ସୂଚନା ଓ ଲୋକସମ୍ପର୍କ ବିଭାଗର ଆପଣ ଥିଲେ ଜଣେ ଦକ୍ଷ ଅଧିକାରୀ। ଆପଣଙ୍କ ବିୟୋଗ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ଆପଣଙ୍କ ସରଳ ଅମାୟିକ ବ୍ୟବହାର, କର୍ତ୍ତବ୍ୟନିଷ୍ଠା, କାର୍ଯ୍ୟଦକ୍ଷତା ପାଇଁ ଆପଣ ସର୍ବଦା ସ୍ମରଣୀୟ ହୋଇ ରହିବେ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ:
ପରିବାରବର୍ଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଓ କର୍ମଚାରୀ ବୃନ୍ଦ।

### ରାୟଗଡ଼ା ନିର୍ବାଚନ ମଣ୍ଡଳୀ ବିଜେଡିର କର୍ମୀ ସମ୍ମିଳନୀ

# 'ମିଳିମିଶି ବିଜେଡି ବିଧାୟକ ଓ ଲୋକସଭା ପ୍ରାର୍ଥୀଙ୍କୁ ଜିତେଇବା'

**ରାୟଗଡ଼ା,୨୮।୩(ସମିସ):** ରାୟଗଡ଼ା ସହରର ରିଙ୍ଗ ରୋଡ୍ ସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ଗୁରୁବାର ରାୟଗଡ଼ା ନିର୍ବାଚନମଣ୍ଡଳୀ ବିଜେଡି ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ବିଜେଡିର ବରିଷ୍ଠ ସଂଗଠକ ୟାଲ୍ଲା ଭେଙ୍କେଟେଶ୍ୱର ରାଓ (କୋଣ୍ଡାବାବୁ)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାୟଗଡ଼ା ପୌରାଧ୍ୟକ୍ଷା ଶୁଭ୍ରା ପଣ୍ଡା, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ପି.ଗୌରୀ ଶଙ୍କର ରାଓ, ବରିଷ୍ଠ ନେତା ବ୍ରଜ ସୁନ୍ଦର ନାୟକ, କାଶି ନାଇଡୁ, ରାୟଗଡ଼ା ଲ୍ୟାମ୍ପ ସଭାପତି ଚକ୍ରଧର ବିଡିକାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ରାୟଗଡ଼ା ବିଧାନସଭା ଆସନରେ ପ୍ରଥମ କରି ମହିଳା ପ୍ରାର୍ଥୀ ଭାବେ ଅନସୂୟା ମାଝୀଙ୍କ ନାମ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ, '୫-ଟି' ଓ ଆମ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକେୟନ ପାଣ୍ଡିଆନ୍, ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ସଂଯୋଜକ ଅତନୁ ସବ୍ୟସାଚୀ ନାୟକ, ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ଜିଲ୍ଲା ସଭାପତି ସୁଧୀର କୁମାର ଦାସଙ୍କୁ




ଧନ୍ୟବାଦ ଜଣାଯାଇଛି। ଶ୍ରୀମତୀ ମାଝୀ ଜଣେ ଦକ୍ଷ ନାରୀନେତ୍ରୀ ତଥା ତାଙ୍କ ଲୋକପ୍ରିୟତା ସମଗ୍ର ଜିଲ୍ଲାରେ ରହିଥିବାବେଳେ ଆମ ପକ୍ଷରୁ ଦଳୀୟ ସୁପ୍ରିମୋଙ୍କଠାରେ କୌଣସି ଲବି କରାଯାଇ ନ ଥିଲା। ସେ ଯାହାକୁ ପ୍ରାର୍ଥୀ ଭାବେ ଘୋଷଣା କରିଥାନ୍ତେ ଆମେ ସମସ୍ତେ ଏକଜୁଟ ହୋଇ ଏକମନ ହୋଇ ତୃଣମୂଳସ୍ତରରେ ପହଞ୍ଚି ପ୍ରାର୍ଥୀଙ୍କୁ ବିପୁଳ ଭୋଟ୍ ଦେଇ ଜୟଯୁକ୍ତ କରିଥାନ୍ତୁ। ସମସ୍ତଙ୍କ ଆଶାକୁ ଆଲୋକିତ କରିବା ପାଇଁ ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକ ରାୟଗଡ଼ା ବିଧାନସଭା ଆସନରେ ଶ୍ରୀମତୀ ମାଝୀଙ୍କ ନାମ ଘୋଷଣା କରିଥିବାରୁ ରାୟଗଡ଼ା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଧନ୍ୟବାଦ ଜଣାଉଛୁ ଏବଂ ମତାନ୍ତର ଭୁଲି ସମସ୍ତେ ବିଜେଡିର ବିଧାନସଭା ଓ ଲୋକସଭା ପ୍ରାର୍ଥୀଙ୍କୁ ଜିତେଇବା ବୋଲି ବରିଷ୍ଠ ନେତା ଶ୍ରୀ ନାୟକ ପ୍ରକାଶ କରିଥିଲେ। ସେହିପରି କୋରାପୁଟ ଲୋକସଭା ଆସନ ଏବଂ ରାୟଗଡ଼ା ବିଧାନସଭା ଆସନରେ ଦୁଇ ଜଣ ମହିଳା ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିବାରୁ ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ମଧ ରାୟଗଡ଼ା ପୌରାଧ୍ୟକ୍ଷା ଶ୍ରୀମତୀ ପଣ୍ଡା ଧନ୍ୟବାଦ ଜଣାଇଛନ୍ତି।

ଦୀର୍ଘ ୨୩ ବର୍ଷ ଶାସନ କାଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ କିମ୍ବା ରାଜନୈତିକ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ ପାଇଁ ଯେଉଁ ଉତ୍ସାହ ପ୍ରଦାନ କରିଛନ୍ତି ସେଥିପାଇଁ ଆଜି ମହିଳାମାନେ ସମସ୍ତ କ୍ଷେତ୍ରରେ ଆଗକୁ ବଢ଼ିପାରିଛନ୍ତି ବୋଲି ଶ୍ରୀମତୀ ପଣ୍ଡା ପ୍ରକାଶ କରିଛନ୍ତି। ପ୍ରାର୍ଥୀ ଘୋଷଣା ହେବା ପରେ କିଛି ବିଜେଡି ସମର୍ଥିତ ଜନ ପ୍ରତିନିଧି ଯେଉଁ ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ପ୍ରଦାନ କରୁଛନ୍ତି ତାହା କେବଳ ଏକ ପ୍ରହସନ ମାତ୍ର। ସମ୍ପୂର୍ଣ୍ଣ ଇସ୍ତଫା ଦେଇ ପୁଣି ଥରେ ନିର୍ବାଚନ ମଇଦାନକୁ ଓହ୍ଲାଇ ନିର୍ବାଚନ ଲଢ଼ନ୍ତୁ, ସେତେବେଳେ ଭୋଟରଙ୍କ ଆଶୀର୍ବାଦ କାହା ଉପରେ ରହୁଛି ଏବଂ ବିଜେଡି ଛାଡ଼ି ଯାଉଥିବା ନେତା, କର୍ମୀଙ୍କ ଭବିଷ୍ୟତ କେତେ ଉଜ୍ଜ୍ୱଳମୟ ତାହା ଥରେ ଚିନ୍ତା କରନ୍ତୁ ବୋଲି ବରିଷ୍ଠ ସଂଗଠକ କୋଣ୍ଡାବାବୁ ପ୍ରକାଶ କରିଛନ୍ତି।

## ନବୀନା ନାୟକ ବିଜେଡି ବିଧାୟିକା ପ୍ରାର୍ଥୀ; ଉମରକୋଟରେ ଉତ୍ସାହ



**ଉମରକୋଟ,୨୮।୩(ସମିସ):** ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉମରକୋଟ ନିର୍ବାଚନମଣ୍ଡଳୀର ବିଜେଡି ବିଧାୟିକା ପ୍ରାର୍ଥୀ ଭାବେ ନବୀନା ନାୟକଙ୍କ ନାମ ଘୋଷଣା କରିଛନ୍ତି। ଏହି ଖବର ଘୋଷଣା ହେବା ପରେ ଉମରକୋଟ ନିର୍ବାଚନମଣ୍ଡଳୀରେ ଖୁସିର ଲହରୀ ଖେଳିଯାଇଛି। ନବରଙ୍ଗପୁର ଜିଲ୍ଲାର ଚାରିଗୋଟି ବିଧାନସଭା ଆସନ ମଧ୍ୟରୁ ଉମରକୋଟ ନିର୍ବାଚନମଣ୍ଡଳୀ ଆସନ ବହୁ ଚର୍ଚ୍ଚିତ ରହିଛି। ଏହି ଆସନର ଫଳାଫଳ ଉପରେ ସମସ୍ତଙ୍କ ନଜର ରହିଥାଏ। ୨୦୦୯ରେ ବିଜେଡି ଓ ବିଜେପି ମେଣ୍ଟର ଅବସାନ ପରେ ପ୍ରଥମ ଥର ପାଇଁ ଉମରକୋଟ ଆସନରେ ବିଜେଡିର ବିଧାୟକ ସ୍ୱର୍ଗତ ଜଗବନ୍ଧୁ ମାଝୀ ନିର୍ବାଚିତ ହୋଇଥିଲେ। ୨୦୧୧ରେ ଜଗବନ୍ଧୁ ମାଝୀଙ୍କ ହତ୍ୟା ପରେ ଉପନିର୍ବାଚନରେ ଜଗବନ୍ଧୁ ମାଝୀଙ୍କ ଅନୁଗତ ସୁବାସ ଗଣ୍ଡ ବିଜୟୀ ହୋଇ ବିଜେଡିର ଧ୍ୱଜା ଉଡ଼ାଇଥିଲେ। ୨୦୧୪ ନିର୍ବାଚନରେ ପୁଣିଥରେ ବିଜେଡି ଆସନ ହାତେଇବାରେ ସଫଳ ହୋଇଥିଲେ। ୨୦୧୯ ନିର୍ବାଚନରେ ବିଜେଡିକୁ ହରାଇ ବିଜେପିର ବିଧାୟକ ନିତ୍ୟାନନ୍ଦ ଗଣ୍ଡ ବିଜୟୀ ହୋଇଥିଲେ। ୨୦୨୪ରେ ବିଜେଡିର ମାଳମାଳ ଆଶାୟୀ ରହିଥିବାବେଳେ ତା'ର ଅନ୍ତ ଘଟିଛି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବତନ ବିଧାୟକ ସୁବାସ ଗଣ୍ଡଙ୍କ ଧର୍ମପତ୍ନୀ ତଥା ରାଇଘର ବ୍ଲକ୍ ଅଧ୍ୟକ୍ଷା ନବୀନା ନାୟକଙ୍କୁ ଆସ୍ଥା ପ୍ରକଟ କରି ଟିକଟ ଦେବା ପରେ ଉମରକୋଟ ନିର୍ବାଚନମଣ୍ଡଳୀର ବିଜେଡି ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି। ନବୀନା ନାୟକଙ୍କୁ ଆସ୍ଥା ପ୍ରକଟ କରି ବିଧାୟିକା ପ୍ରାର୍ଥିନୀ ଭାବେ ଚୟନ କରିଥିବାରୁ ବିଜେଡି ସୁପ୍ରିମୋ ତଥା ନବୀନ ପଟ୍ଟନାୟକ ଓ ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

### ■ ସାଂସଦ ପ୍ରାର୍ଥୀ ହେଲେ କୌଶଲ୍ୟା ହିକକା

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଦଳୀୟ କର୍ମୀ

**ଲକ୍ଷ୍ମୀପୁର,୨୮।୩(ସମିସ)**

କୋରାପୁଟ ଲୋକସଭା ଆସନ ପାଇଁ ବିଜେଡି ସାଂସଦ ପ୍ରାର୍ଥିନୀ ଭାବେ କୌଶଲ୍ୟା ହିକକାଙ୍କୁ ଦଳ ଚୟନ କରିଛି। ଏଥିପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଦଳୀୟ କର୍ମୀମାନେ କୃତଜ୍ଞତା ଜଣାଇଛନ୍ତି। ତାଙ୍କ ଉପରେ ଭରସା ରଖି ଦ୍ୱିତୀୟ ଥର ପାଇଁ ତାଙ୍କୁ ପୁଣି ଥରେ ସାଂସଦ ଟିକଟ ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରାର୍ଥିନୀ କୌଶଲ୍ୟା ହିକକା ଓ ଅଞ୍ଚଳବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି। କୌଶଲ୍ୟାଙ୍କୁ ସାଂସଦ ପ୍ରାର୍ଥୀ ଭାବେ ଟିକଟ ମିଳିବା ପରେ ସମର୍ଥକଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ୨୦୧୯ରେ ମଧ୍ୟ ବିଜେଡି ତାଙ୍କୁ ଟିକଟ ଦେଇ ପ୍ରାର୍ଥୀ କରିଥିଲା। ତେବେ ଉକ୍ତ ସମୟରେ ସ୍ୱଳ୍ପ ଭୋଟ୍ ବ୍ୟବଧାନରେ କଂଗ୍ରେସର ସପ୍ତଗିରି ଉଲ୍ଲାକାଙ୍କଠାରୁ ସେ ପରାଜିତ ହୋଇଥିଲେ। ବର୍ତ୍ତମାନ ୨୦୨୪ରେ ବିପୁଳ ସଂଖ୍ୟାରେ ବିଜେଡିର ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀ ସୁନିଶ୍ଚିତ ବିଜୟ ହାସଲ କରିବେ ବୋଲି କୌଶଲ୍ୟା କହିଛନ୍ତି। କୌଶଲ୍ୟାଙ୍କ ସ୍ୱାମୀ ଝିନ୍ନ ହିକକା ବର୍ତ୍ତମାନ କୋରାପୁଟ ଜିଲ୍ଲା ବିଜେଡି ସଭାପତି ଥିବାବେଳେ ପୂର୍ବରୁ ଥରେ ବିଧାୟକ ଓ ଥରେ ସାଂସଦ ରହିଥିଲେ। ସେହି ଅନୁସାରେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ମଧ୍ୟ ରାଜନୀତିରେ ରହିଛି। ଅଞ୍ଚଳବାସୀଙ୍କ ଆଶୀର୍ବାଦ ସୁନିଶ୍ଚିତ ବିପୁଳ ମାତ୍ରାରେ ଚଳିତ ଥର ମିଳିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ବୁଧବାର ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ଟିକଟ ଘୋଷଣା କରିବା ପରେ ସ୍ଥାନୀୟ କର୍ମୀ ତାଙ୍କୁ ଭରପୂର ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଏହାପରେ କୌଶଲ୍ୟା ହିକକା ଲକ୍ଷ୍ମୀପୁର ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ଠାକୁରଙ୍କଠାରେ ଆଶୀର୍ବାଦ କାମନା କରିଛନ୍ତି।



### ପୁଣି ଥରେ ବିଜେଡିରୁ ରଘୁନାଥ ଗମାଙ୍ଗ

## ଗୁଡ଼ାରୀ ବିଜେଡି ଶିବିରରେ କର୍ମୀ ଓ ସମର୍ଥକ ଉତ୍ସାହିତ

**ଗୁଡ଼ାରୀ,୨୮।୩(ସମିସ):** କିଛି ଦିନ ତଳେ ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିଥିବାବେଳେ ଗତ ବୁଧବାର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ୭୨ ଜଣ ବିଧାୟକ ଏବଂ ୧୫ ସାଂସଦଙ୍କ ନାମ ଏଥି ମଧ୍ୟରେ ଘୋଷଣା କରିଛନ୍ତି। ଏଥିରେ ରାୟଗଡ଼ା ଜିଲ୍ଲାର ତିନିଟି ବିଧାନସଭା ଆସନ ମଧ୍ୟରୁ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗଙ୍କୁ ପୁଣି ଥରେ ଟିକଟ ମିଳିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉପରେ ପୁଣି ଥରେ ଆସ୍ଥା ପ୍ରକଟ କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପଟେ କହିବାକୁ ଗଲେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ ଗତ ୫ ବର୍ଷ ମଧ୍ୟରେ ନିଜ ନିର୍ବାଚନମଣ୍ଡଳୀରେ ସରକାରଙ୍କ ସମସ୍ତ ଯୋଜନାକୁ ସାଧାରଣ ଜନତାଙ୍କ ପାଖରେ କେମିତି ପହଞ୍ଚି ପାରିବ ସେ ଉପରେ ସବୁ ସମୟରେ ତତ୍ପର ରହୁଥିଲେ ଶ୍ରୀ ଗମାଙ୍ଗ। ନିଜ ନିର୍ବାଚନମଣ୍ଡଳୀରେ ମ୍ୟୁନିସିପାଲିଟିଠାରୁ ଆରମ୍ଭ କରି ଏନ୍ଏସି, ପଞ୍ଚାୟତ ପର୍ଯ୍ୟନ୍ତ ସବୁ ବର୍ଗର ଲୋକଙ୍କ ସହ ସୁସମ୍ପର୍କ ରଖିବା ଏବଂ ସେମାନଙ୍କ ସୁଖ ଦୁଃଖରେ ଛିଡ଼ା ହେବା ଦ୍ୱାରା ପୁଣି ଥରେ ଟିକଟ ହାତେଇବା ପାଇଁ ଯୋଗ୍ୟ ହୋଇପାରିଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେବାରେ ଲାଗିଛି। ଏମିତିରେ ଗତ ତିନିଟି ନିର୍ବାଚନରେ ଗୁଣୁପୁର ନିର୍ବାଚନମଣ୍ଡଳୀ ବିଜେଡି ଅକ୍ତିଆରରେ ରହିଥିବାବେଳେ ଚଳିତ ନିର୍ବାଚନରେ ପୁଣି ଥରେ ବିଜେଡି ପୂର୍ଣ୍ଣ ବହୁ ମତରେ ବିଜୟ ହାସଲ କରିବ ବୋଲି ଭୋଟରଙ୍କ ମନରେ ଗୋଟିଏ ପ୍ରକାରର ସ୍ଥିର କରିସାରିଛନ୍ତି। ବିଧାୟକ ରଘୁନାଥ ଗମାଙ୍ଗ ବିଜେଡି ଟିକଟ ପାଇବା ପରେ ଗୁଡ଼ାରୀ ବିଜୁ ଜନତା ଦଳରେ ଉତ୍ସାହ ଖେଳିଯାଇଛି। ଶ୍ରୀ ଗମାଙ୍ଗ ଗତ ବୁଧବାର ଗୁଡ଼ାରୀ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ବରିଷ୍ଠ ନେତା ଗଣପତି ପାଠି, ଦିବାକର ରଥ, ନକୁଳ ଗୌଡ଼, ଶୁଶିଳ ଗୁରୁ ତଥା ବିଜେଡି ଜିଲ୍ଲା ଉପସଭାପତି ସନ୍ତୋଷ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ସୁବାସ ଗୌଡ଼, ଜିଲ୍ଲା ସମ୍ପାଦକ ଏମ୍.ପ୍ରସାଦା, ଭି.ଉଦୟା, ବିଜେଡି ବ୍ଲକ୍ ଯୁବ ସଭାପତି ବଂଶୀଧର ଶବର ଉପସ୍ଥିତ ଥିବାବେଳେ ଗଣପତି ପାଠି ଶ୍ରୀ ଗମାଙ୍ଗଙ୍କୁ ପୂର୍ଣ୍ଣ ସହଯୋଗ କରିବାର ପ୍ରତିଶ୍ରୁତି ଦେବା ସହ ବିଜୟ ଧ୍ୱଜା ନିଶ୍ଚୟ ଉଡ଼ିବ ବୋଲି ନିଜ ମତ ପ୍ରକାଶ କରିଛନ୍ତି।



## କୋଟପାଡ଼ ବିଜେଡି ବିଧାୟକ ପ୍ରାର୍ଥୀ ଚନ୍ଦ୍ରଶେଖରଙ୍କୁ ସମ୍ବର୍ଦ୍ଧନା



**ଚାନ୍ଦିଲି,୨୮।୩(ସମିସ):** ଓଡ଼ିଶାର ଆଗାମୀ ବିଧାନସଭା ନିର୍ବାଚନ ପାଇଁ ବିଜୁ ଜନତା ଦଳ ତରଫରୁ ପୂର୍ବତନ ବିଧାୟକ ତଥା କୋରାପୁଟ ଜିଲ୍ଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝୀଙ୍କୁ କୋଟପାଡ଼ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ତାଙ୍କ ନାମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ବିଜୁ ଜନତା ଦଳ ପକ୍ଷରୁ ଶ୍ରୀ ମାଝୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ନୂତନ କାର୍ଯ୍ୟାଳୟଠାରେ ଏକ ସ୍ୱାଗତ ସମାରୋହ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ପ୍ରାର୍ଥୀ ଭାବେ ନାମ ଘୋଷଣା ପରଠାରୁ ଚନ୍ଦ୍ରଶେଖର ମାଝୀଙ୍କୁ ଚାରିଆଡୁ ପ୍ରଶଂସାର ସୁଅ ଛୁଟୁଛି। ଏହି ଅବସରରେ ଶ୍ରୀ ମାଝୀ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଓ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। ସେ କୋଟପାଡ଼ ନିର୍ବାଚନମଣ୍ଡଳୀର ସମସ୍ତ ବିଜେଡି କର୍ମୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ। କୋଟପାଡ଼ ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀଣ ଉନ୍ନତି ତାଙ୍କର ଏକମାତ୍ର ଲକ୍ଷ୍ୟ ହେବ। ଏଣୁ ଏଥିପାଇଁ ସଦାସର୍ବଦା ଚେଷ୍ଟିତ ରହିବେ ବୋଲି ଶ୍ରୀ ମାଝୀ ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ମାଲକାନଗିରି ବିଧାୟକ ପ୍ରାର୍ଥୀ ମାନସ ମାଡ଼କାମୀଙ୍କୁ ବିପୁଳ ସମ୍ବର୍ଦ୍ଧନା

**ମାଲକାନଗିରି,୨୮।୩(ସମିସ):** ସାଧାରଣ ନିର୍ବାଚନ ପାଇଁ ବିଜୁ ଜନତା ଦଳର ୧ମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ମାଲକାନଗିରି ବିଧାନସଭା କ୍ଷେତ୍ର ପାଇଁ ପୂର୍ବତନ ବିଧାୟକ ମାନସ ମାଡ଼କାମୀଙ୍କୁ ବିଧାନସଭା ପ୍ରାର୍ଥୀ ଭାବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନାମ ଘୋଷଣା କରିବା ପରେ ଜିଲ୍ଲା ବିଜୁ ଜନତା ଦଳରେ ଏହାକୁ ନେଇ ଖୁସିର ଲହରୀ ଖେଳିଯାଇଛି। ଦଳର ସମସ୍ତ କାର୍ଯ୍ୟକର୍ତ୍ତା, ମାଲକାନଗିରି ଜିଲ୍ଲାର ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଖୁସିର ଲହରୀ ଖେଳି ଯାଇଥିବାବେଳେ ସହରର ଡିଏନକେ ଟ୍ରାଫିକ ଛକଠାରେ ଦଳୀୟ କର୍ମୀ ଓ ଲୋକେ ବାଣ ଫୁଟାଇ ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀ ମାଡ଼କାମୀଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଦଳର ମୁଖ୍ୟ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରି ସାଧୁବାଦ ଜଣାଇଛନ୍ତି। ଏହି ଅବସରରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀ, ବିଜେଡି ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ବିଜେଡି ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ପର୍ଯ୍ୟବେକ୍ଷକ ମୁନି ସାମନ୍ତରାୟ, ରାଜ୍ୟ ବିଜେଡି ଯୁବ ସମ୍ପାଦକ ରବି ରାଜେଶ, ମାଲକାନଗିରି ପୌର ଅଧ୍ୟକ୍ଷ ମନୋଜ କୁମାର ବାରିକ, ବିଜେଡି ଉପସଭାପତି ଡନେଲ କୁମାର ପୋଟଲା, ଜିଲ୍ଲା ଓକିଲ ସଂଘ ସଭାପତି ଲମ୍ବଧର ତୁରୁକ, ପୌରାଞ୍ଚଳ ନଗର ସଭାପତି ପି.ସାଇ, ବରିଷ୍ଠ ନେତା ପ୍ରଫୁଲ୍ଲ ପଣ୍ଡା ପ୍ରମୁଖଙ୍କ ସହ ସମସ୍ତ ବିଜେଡି କାର୍ଯ୍ୟକର୍ତ୍ତା, ମହିଳା ନେତ୍ରୀ, ଯୁବଛାତ୍ର ଓ ଜନସାଧାରଣ ଉପସ୍ଥିତ ରହି ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀ ମାଡ଼କାମୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।



## ଭୋଟ୍ ବିକ୍ରି ନ କରିବା ପାଇଁ ବାର୍ତ୍ତା ନେଇ ଆଦିବାସୀ ଯୁବକଙ୍କ ପଦଯାତ୍ରା

**ବୈପାରୀଗୁଡ଼ା,୨୮।୩(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ଆଦିବାସୀ ଯୁବକ ବୁଲୁ ମୁଦୁଲି ଭୋଟ୍ ବିକ୍ରି ନ କରିବାର ବାର୍ତ୍ତା ନେଇ ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳକୁ ପଦଯାତ୍ରା ଆରମ୍ଭ କରିଛନ୍ତି। ଆଦିବାସୀମାନେ ବହୁ ନିରୀହ ନେତାଙ୍କ ଚିକ୍କଣ କଥା ଓ ଅଳ୍ପ ଟଙ୍କାରେ ନିଜ ଭୋଟ୍ ବିକ୍ରି କରିଦେଉଛନ୍ତି। ତେଣୁ ଭୋଟ୍ ବିକ୍ରି କରନ୍ତୁ ନାହିଁ ଉଚିତ୍ ପ୍ରାର୍ଥୀଙ୍କୁ ଭୋଟ୍ ଦିଅନ୍ତୁ ବୋଲି ସେ ବାର୍ତ୍ତା ଦେଇ ସେ ମାଲକାନଗିରିରୁ ପଦଯାତ୍ରା ଆରମ୍ଭ କରିଛନ୍ତି। ସେ କୋରାପୁଟ ସମେତ ରାୟଗଡ଼ା, ନବରଙ୍ଗପୁର ଜିଲ୍ଲାକୁ ପଦଯାତ୍ରା କରି ଲୋକଙ୍କୁ ଏନେଇ ସଚେତନ କରାଇବେ ବୋଲି ପ୍ରକାଶ କରିଛନ୍ତି। ଆଦିବାସୀ ଯୁବକ ବୁଲୁଙ୍କ ଏହି ପଦକ୍ଷେପକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।



## ବୋରିଗୁମ୍ମାରେ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ



**ବୋରିଗୁମ୍ମା,୨୮।୩(ସମିସ):** ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କୋରାପୁଟ ଜିଲ୍ଲା ବୋରିଗୁମ୍ମା ପୁଲିସ ପକ୍ଷରୁ ଗୁରୁବାର ସହରର ବିଭିନ୍ନ ରାଜ ରାସ୍ତା ଓ ୱାର୍ଡରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଏହି ଫ୍ଲାଗମାର୍ଚ୍ଚରେ ବୋରିଗୁମ୍ମା ଉପଖଣ୍ଡ ଆରକ୍ଷୀ ଅଧିକାରୀ ତପସ୍ୱିନୀ କହଁରଙ୍କ ନେତୃତ୍ୱରେ ଥାନା ଅଧିକାରୀ ଯୁଗଳ କିଶୋର ସା, ସୀମା ସୁରକ୍ଷା ବଳର ବାଟାଲିୟନ ଓ ଅଧିକାରୀ ଏଏସଆଇ ରଚିତା ମାଡ଼କାମୀ, ଏଏସଆଇ ସୁବାସ ଚନ୍ଦ୍ର ଷଡ଼ଙ୍ଗୀ ସମେତ ବହୁ ପୁଲିସ କର୍ମୀ ଯୋଗଦେଇଥିଲେ। ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ଉଦ୍ଦେଶ୍ୟରେ ପୁଲିସ ତରଫରୁ ବୋରିଗୁମ୍ମା ସହରରେ ଫ୍ଲାଗମାର୍ଚ୍ଚ କରାଯାଇଥିବା ଉପଖଣ୍ଡ ଆରକ୍ଷୀ ଅଧିକାରୀ ତପସ୍ୱିନୀ କହଁର ସୂଚନା ଦେଇଛନ୍ତି।

## ଖାତିଗୁଡ଼ାରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ତେନ୍ତୁଲିଖୁଣ୍ଟି,୨୮।୩(ସମିସ):** ନବରଙ୍ଗପୁର ଜିଲ୍ଲାର ଉଭୟ ତେନ୍ତୁଲିଖୁଣ୍ଟି ଓ ଖାତିଗୁଡ଼ା ଥାନା ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରିଛନ୍ତି ପୁଲିସ ବାହିନୀ। ଆୟୋଜିତ ଏହି ଫ୍ଲାଗମାର୍ଚ୍ଚରେ ନବରଙ୍ଗପୁର ଏସଡିପିଓ କୃଷ୍ଣଚନ୍ଦ୍ର ଭତ୍ରାଙ୍କ ସମେତ ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ସାମିଲ ହୋଇଥିଲେ। ସେହିପରି ମିଥଲେଶ ବର୍ମା ଏବଂ ଆରକେ ପଣ୍ଡାଙ୍କ ନେତୃତ୍ୱରେ ୧୨ ବିଏନର ଗୋଟିଏ ପ୍ଲାଟୁନ ଫୋର୍ସ ମଧ୍ୟ ସାମିଲ ହୋଇଥିଲେ। ଖାତିଗୁଡ଼ାଠାରେ ଆୟୋଜିତ ଫ୍ଲାଗମାର୍ଚ୍ଚରେ ଖାତିଗୁଡ଼ା ଥାନା ଅଧିକାରୀ ହରିଶ ଚନ୍ଦ୍ର ଗୋଲାରିଙ୍କ ସମେତ ଏସ୍ଆଇ ମହେଶ୍ୱର ବୁଡୁବାଡ଼େଙ୍କ ସମେତ ସମସ୍ତ ପୁଲିସ କର୍ମଚାରୀ ଏବଂ ଗୃହରକ୍ଷୀ ଉପସ୍ଥିତ ଥିଲେ। ସେହିପରି ତେନ୍ତୁଲିଖୁଣ୍ଟିରେ ଆୟୋଜିତ ଫ୍ଲାଗମାର୍ଚ୍ଚରେ ତେନ୍ତୁଲିଖୁଣ୍ଟି ଥାନା ଅଧିକାରୀ ଗୋପାଳ କୃଷ୍ଣ ଆଗୁ ପାତ୍ରଙ୍କ ସମେତ ତେନ୍ତୁଲିଖୁଣ୍ଟି ପୁଲିସ ବାହିନୀ ଉପସ୍ଥିତ ଥିଲେ। ସେହିପରି ପାତ୍ରପୁଟ ଫାଣ୍ଡି ଅଞ୍ଚଳରେ ମଧ୍ୟ ଫ୍ଲାଗମାର୍ଚ୍ଚ କରିଛନ୍ତି ପୁଲିସ ବାହିନୀ।



## ଓଡ଼ିଆ ଭାଷାର ବ୍ୟବହାର ଓ ଉନ୍ନତି ପାଇଁ ଉଦ୍ୟମ

# ସୀମାନ୍ତରେ ଛାତ୍ରଛାତ୍ରୀଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତିକା ବଣ୍ଟନ

**ରାୟଗଡ଼ା,୨୮।୩(ସମିସ)**



ଉତ୍କଳ ଦିବସପାଳନ ଉପଲକ୍ଷେ ଗୁରୁବାର ଉତ୍କଳ ମିଡିଆ ସାମ୍ବାଦିକ ସଂଘ ତରଫରୁ ରାୟଗଡ଼ା ବ୍ଲକ ଅନ୍ତର୍ଗତ ଓଡ଼ିଶା-ଆନ୍ଧ୍ର ସୀମାବର୍ତ୍ତୀ ଅଞ୍ଚଳରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ଜେମାଦେଇପେଣ୍ଟ, ଜାଙ୍ଗିଡ଼ି ଓ କାଞ୍ଚିକାବଲାସା ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ପ୍ରଥମ ରୁ ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ଭାଷାର ବ୍ୟବହାର ଓ ଉନ୍ନତି ପାଇଁ ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତିକା ବଣ୍ଟନ କରାଯାଇଛି। ୩ଟି ବିଦ୍ୟାଳୟରୁ ପ୍ରାୟ ୬୫ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଏହି ପୁସ୍ତିକା ବଣ୍ଟନ କରାଯାଇଛି। ଉକ୍ତ ଅଞ୍ଚଳ ଠାରୁ ପ୍ରାୟ ୧୦ରୁ ୧୫ କିଲୋମିଟର ଦୂରତାରେ ଆନ୍ଧ୍ରପ୍ରଦେଶର ସୀମା ରହିଛି। ସେଠାରେ ବସବାସ କରୁଥିବା ଜନସାଧାରଣ ଅଧିକ ତେଲୁଗୁ ଭାଷା ବ୍ୟବହାର କରନ୍ତି। ଉକ୍ତ ଅଞ୍ଚଳ ଗୁଡ଼ିକ ଓଡ଼ିଶା ଭିତରେ ରହିଥିଲେ ମଧ ଓଡ଼ିଆ ଭାଷା ପ୍ରଚଳନ ବହୁତ କମ ଦେଖାଯାଏ । ସେ ଅଞ୍ଚଳରେ ଥିବା ବିଦ୍ୟାଳୟରେ ପିଲାମାନେ ଓଡ଼ିଆ ପଢୁଛନ୍ତି କିନ୍ତୁ ଶୁଦ୍ଧ ଭାବେ ଲେଖି ପାରୁନାହାନ୍ତି। ଏପରିକି ଓଡ଼ିଆ ଭାଷାରେ କଥାବାର୍ତ୍ତା ହୋଇ ପାରୁ ନଥିବା ଦେଖିବାକୁ ମିଳୁଛି। ଏଥିଯୋଗୁଁ ଉତ୍କଳ ମିଡିଆ ସାମ୍ବାଦିକ ସଂଘ ଉକ୍ତ ଅଞ୍ଚଳର ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ଭାଷାର ସଠିକ ବ୍ୟବହାର ପାଇଁ ନିଜର ପ୍ରୟାସଜାରି ରଖିଛି। ଆଗାମୀ ଦିନରେ ସୀମାବର୍ତ୍ତୀ ଅଞ୍ଚଳ ମାନଙ୍କରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବା ନେଇ ସଙ୍ଘର ସଭାପତି ଦୟାନନ୍ଦ ଖାଡାଙ୍ଗା ପ୍ରକାଶ କରିଛନ୍ତି। ସଂଘର ସଭାପତି ଶ୍ରୀ ଖାଡ଼ାଙ୍ଗାଙ୍କ ନେତୃତ୍ୱରେ ଉପଦେଷ୍ଟା ସରୋଜ କୁମାର ସାହୁ, ସମ୍ପାଦକ ମନୋଜ କୁମାର ସାହୁ, ସଭ୍ୟ କ୍ରିଷ୍ଣା ମୂର୍ତ୍ତି, ହରିନାରାୟଣ ଦାଶଙ୍କ ସମେତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଜେମାଦେଇପେଣ୍ଟର ପ୍ରଧାନଶିକ୍ଷୟିତ୍ରୀ ମିନା କୁମାରୀ ତ୍ରିପାଠୀ, ଶିକ୍ଷକ ଜୟଦେବ ସାହୁ, ଜାଙ୍ଗିଡ଼ି ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଦାଶ ଓ କାଞ୍ଚିକାବାଲାସା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁନିତା ପୁଆଲା, ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ କଲକା ଓ ଶିକ୍ଷକ ଉମାଶଙ୍କର ଚୌଧୁରୀ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଏସ୍ଏଚ୍‌ଜି ଗ୍ରୁପ୍ ସଭାପତି ଓ ସମ୍ପାଦକଙ୍କ ମନମୁଖି କାର୍ଯ୍ୟ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରୁପ୍‌ର ସଦସ୍ୟା

**କୋରାପୁଟ,୨୮।୩(ସମିସ):** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ମୁଜାଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ କଙ୍କଡ଼ାପୁଟ ଗ୍ରାମର ସତସେବା ଏସ୍ଏଚଜି ଗ୍ରୁପର ସଭାପତି ଓ ସମ୍ପାଦକଙ୍କ ମନମୁଖି କାର୍ଯ୍ୟ ବିରୁଦ୍ଧରେ ଗ୍ରୁପର ସଦସ୍ୟାମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରୁପକୁ ପିଡିଏସ୍ ଚାଉଳ ଯୋଗାଣ ନିମିତ୍ତ ଲାଇସେନ୍ସ ମିଳିଛି। କିନ୍ତୁ ଗ୍ରୁପର ସଭାପତି ଓ ସମ୍ପାଦକଙ୍କ ଦବଙ୍ଗଗିରି ଯୋଗୁଁ ଉପଯୁକ୍ତ ହିତାଧିକାରୀଙ୍କୁ ଠିକ୍ ଭାବରେ ଚାଉଳ ଯୋଗାଣ କରାଯାଉ ନ ଥିବା ଗ୍ରୁପର ସଦସ୍ୟା ଲକ୍ଷ୍ମୀ ଖୋସଲା ଅଭିଯୋଗ କରିଛନ୍ତି। ଗ୍ରୁପର ସଦସ୍ୟାମାନଙ୍କର କଥା ସେମାନେ ଶୁଣୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଗ୍ରୁପର ଖାତାକୁ ନିଜ ଅଧୀନକୁ ନେଇ ବୈଠକ ନ କରି ଅର୍ଥ ଆତ୍ମସାତ୍ କରୁଥିବା ସେ ଅଭିଯୋଗ କରିଛନ୍ତି। ଆମ୍ଭମାନଙ୍କୁ ଗ୍ରୁପରୁ ବାହାର କରି ନୂଆ ଲୋକଙ୍କୁ ଯୋଡ଼ିବା ପାଇଁ ସଭାପତି ଓ ସମ୍ପାଦକ ଚକ୍ରାନ୍ତ କରିଥିବା ସେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ ବିଡିଓଙ୍କୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ କାନ୍ତା ଖୋସଲା, ମନସୁଲା କନ୍ଦପାନ, ବାସନ୍ତି କନ୍ଦପାନ, ହୀରାମଣି କନ୍ଦପାନ ଓ ହରଷାମଣି କନ୍ଦପାନ ପ୍ରମୁଖ ସତସେବା ଏସଏଚଜି ଗ୍ରୁପର ସଦସ୍ୟା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।



# ଘାଟିରେ ବାଇକ୍ ଦୁର୍ଘଟଣା; ଦମ୍ପତି ଗୁରୁତର

**ଝରିଗାଁ,୨୮।୩(ସମିସ):** ନବରଙ୍ଗପୁର ଜିଲ୍ଲା ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣା ହେବା ଫଳରେ ସ୍ୱାମୀ ଓ ସ୍ତ୍ରୀ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ପ୍ରକାରେ, ଚନ୍ଦାହାଣ୍ଡି ବ୍ଲକ ଅନକାବେଡ଼ା ଗ୍ରାମର ନୀଳଧର ଆଣ୍ଡି (୩୦) ଓ ତାଙ୍କ ସ୍ତ୍ରୀ ନୁପୁର ଆଣ୍ଡି (୨୫), ଝିଅ ଦେବଂଶୀ ଆଣ୍ଡି (୩) ଓ ଝିଆରୀ ଅମ୍ବିକା ଆଣ୍ଡି(୧୩) ପ୍ରମୁଖ ଶିବରାତ୍ରି ଉପଲକ୍ଷେ ବୁଧବାର ବାଇକ୍ ଯୋଗେ ଝରିଗାଁ ବ୍ଲକ କର୍ଲାପଡ଼ା ଗ୍ରାମରେ ରହୁଥିବା ଶଶୁର ଘରକୁ ଆସିଥିଲେ। ସେଠାରେ କିଛି ଦିନ ରହିବା ପରେ ଗୁରୁବାର ନିଜ ଘରକୁ ଫେରିବା ସମୟରେ ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ବାଇକ ଭାରସାମ୍ୟ ହରାଇବାରୁ ରାସ୍ତା କଡ଼ରେ ଛିଟିକି ହୋଇ ପଡ଼ିଯାଇଥିଲେ। ସେହି ରାସ୍ତା ଦେଇ ଯାଉଥିବା କିଛି ଲୋକ ଦୁର୍ଘଟଣା ଦେଖି ଏକ ପିକ୍‌ଅପ୍ ଭ୍ୟାନରେ ସମସ୍ତଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଠାଇଥିଲେ। ତେବେ ନୀଳଧର ଆଣ୍ଡିଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ହୋଇଥିବାବେଳେ ନୁପୁର ଆଣ୍ଡିଙ୍କ ଅଣ୍ଟାରେ ଗଭୀର ଆଘାତ ହୋଇଛି। ଦେବଂଶୀ ଆଣ୍ଡି ଏବଂ ଅମ୍ବିକା ଆଣ୍ଡି ସାମାନ୍ୟ ଆହତ ହୋଇଛନ୍ତି। ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ନୀଳଧର ଆଣ୍ଡି ଏବଂ ସ୍ତ୍ରୀ ନୁପୁର ଆଣ୍ଡିଙ୍କୁ ଅଧିକ ଚିକିତ୍ସା ପାଇଁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# ଜୟପୁର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ



**ଜୟପୁର,୨୮।୩(ସମିସ):** କୋରାପୁଟ ଜିଲ୍ଲା ଜୟପୁରଠାରେ ବୁଧବାର ସନ୍ଧ୍ୟାରେ ଜୟପୁର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ସ୍ଥାନୀୟ ଗୀତାଞ୍ଜଳି କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି। ଏହି ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ 'ଏଇ ଜୀବନଟା ଏକ ନାଟକ' ନାଟକ ମଞ୍ଚସ୍ଥ କରାଯାଇଥିଲା। ଏଥିରେ ବରିଷ୍ଠ କଳାକାର ଗୋପାଳ କୃଷ୍ଣ ସାମନ୍ତରା, ଏମ.ଡି. ସାରିଫ, ଧିରେନ ମୋହନ ପଟ୍ଟନାୟକ, ରବିନ୍ଦ୍ର ପାତ୍ର, କମଳାକାନ୍ତ ରଥ, କୃଷ୍ଣଚନ୍ଦ୍ର ହୋତା, ଅମର ମିଶ୍ର, ଚନ୍ଦ୍ରଶେଖର ମହାପାତ୍ର, ଲାଲୁ ମିଶ୍ର, ସୁରେଶ ହୋତା, ସମୀର ପଟ୍ଟନାୟକ, ନୃସିଂହ ଷଡ଼ଙ୍ଗୀ, ସୁଧାକର ପଟ୍ଟନାୟକ, ବିଜୟ ମହାପାତ୍ର, ମୁରଲୀ ପଟ୍ଟନାୟକ, ରାମନାଥ ତ୍ରିପାଠୀ, କାହ୍ନୁ ଚରଣ ପ୍ରଧାନ, ଅଶୋକ ମହାରଣା, ଶିଶିର ଦାସ, ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ, ପଞ୍ଚାନନ ମିଶ୍ର, ରବି, ସୀତାକାନ୍ତ, ଅଶୋକ, ଲିଟି, ପିଣ୍ଟୁ ପ୍ରମୁଖ କଳାକାରମାନେ ନାଟକରେ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଏଥିରେ ସମର୍ପିତା ପାଣିଗ୍ରାହୀ ପ୍ରାରମ୍ଭିକ ସଂଗୀତ ଗାନ କରିଥିବାବେଳେ ସ୍ୱର ସଂଯୋଜନା ରାମ ନିଗମ ମହାନ୍ତି କରିଥିଲେ। ଏଥିରେ ମଡର୍ଣ୍ଣ ସ୍କୁଲର ପିଲାମାନେ ନୃତ୍ୟ ନାଟିକା 'ଶିଶୁ ଶ୍ରମିକ' ଓ 'ଭଲ ମଣିଷଟିଏ ହେବା', ସେଣ୍ଟ ଜାଭିୟର ସ୍କୁଲର 'ମେହନତ ମେଁ ହିଁ ତାକତ', ନୋବେଲ ସିଦ୍ଧାର୍ଥ ସ୍କୁଲର 'ଏସା ଭି ଏକ ପାଠଶାଳା', ସାରସ୍ୱତ ବାଲ୍ ମନ୍ଦିର ପିଲାମାନଙ୍କର 'ନିଜକୁ ସମ୍ଭାଳ' ନାଟକ ମଞ୍ଚସ୍ଥ ହୋଇଥିଲା। ଏଥି ସହ ହସତେ ରୁହା ଗ୍ରୁପ ପକ୍ଷରୁ ନାଟକ 'ନାଟ୍ୟ ଜୀବନ' ମଞ୍ଚସ୍ଥ ହୋଇଥିଲା। ଶେଷରେ ଛାତ୍ରଛାତ୍ରୀମାନେ ବିଭିନ୍ନ ନୃତ୍ୟ, ଆଦିବାସୀ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ। ବରିଷ୍ଠ ନାଟ୍ୟକାର ଜିତୁ ମିଶ୍ର ଓ ନିରଞ୍ଜନ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ଶ୍ରାବଣୀ, ସ୍ୱର ଘୁଙ୍ଗୁର, ମୀରା, ଢ଼େମସା ଟିଭି, ସାଇ ଫିଲ୍ମ, ବଜରଙ୍ଗୀ କ୍ରିଏସନ, ରିଲ ଷ୍ଟାର, ଭୈରବ ସାଂସ୍କୃତିକ ଅନୁଷ୍ଠାନ, ପ୍ରିୟା ଥିଏଟର ଏବଂ ନାଟ୍ୟ ପ୍ରେମୀ ଯୋଗଦେଇଥିଲେ। ଏହି ଦିବସ ପାଳନ ମାଧ୍ୟମରେ ଆଗାମୀ ଯୁବପିଢ଼ିଙ୍କୁ ନାଟକ ପ୍ରତି ଆକୃଷ୍ଟ କରିବା ଏବଂ ସମସ୍ତ କଳାକାରଙ୍କୁ ଏକତ୍ରିତ କରିବା ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଆଗାମୀ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ କିପରି ସୁଚାରୁ ରୂପେ ତୁଲାଇବେ ସେନେଇ ଅନୁଷ୍ଠାନର ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଶେଷରେ ସମୀର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂଜାରୀପୁଟରେ ରାମ ମନ୍ଦିର ଓ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

# ଯୋଗଦେଲେ ଜୟପୁର ମହାରାଣୀ ସାରିକା ଦେବୀ ଓ ବିଧାୟକ

**ବୋରିଗୁମ୍ମା,୨୮।୩(ସମିସ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ପୂଜାରୀପୁଟ ଗ୍ରାମଠାରେ ରାମ ମନ୍ଦିର ଓ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଶେଷ ଦିନରେ ଜୟପୁରର ମହାରାଣୀ ସାରିକା ଦେବୀ ଓ ଜୟପୁରର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇଥିଲେ। ଗ୍ରାମର ଶହ ଶହ ଭକ୍ତ ନାଚ, ବାଦ୍ୟ ଓ ଗୀତ ମାଧ୍ୟମରେ ମହାରାଣୀ ଓ ବିଧାୟକଙ୍କୁ ସ୍ୱାଗତ କରିଥିଲେ। ପରେ ସୁସଜ୍ଜିତ ଗାଡ଼ିରେ ମହାରାଣୀ ଓ ବିଧାୟକଙ୍କୁ ବସାଇ ନାଚ, ବାଦ୍ୟ ଓ ଗୀତ ଦ୍ୱାରା ନଗର ପରିକ୍ରମା କରିଥିଲେ। ଉପସ୍ଥିତ ଭକ୍ତମାନଙ୍କୁ ମହାରାଣୀ ଭଗବାନଙ୍କ ଆଶୀର୍ବାଦ କାମନା କରିଥିଲେ। ବିଧାୟକ ମଧ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଗ୍ରାମର ମଙ୍ଗଳକାମନା କରିଥିଲେ।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ; ଜଣେ ଆହତ

**ପାପଡ଼ାହାଣ୍ଡି,୨୮।୩(ସମିସ):** ମୈଦଲପୁର ଘାଟି ନିକଟସ୍ଥ ମନ୍ଦିର ନିକଟରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଆହତ ହୋଇଛନ୍ତି। ମୃତକ ଜଣକ କଳାହାଣ୍ଡି ଜୟପାଟଣା ବ୍ଲକ୍ ଅନ୍ତର୍ଗତ ପୂଜାରୀଗୁଡ଼ା ଗ୍ରାମର ଉମା ମାଝୀ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, କଳାହାଣ୍ଡି ଜୟପଟଣା ବ୍ଲକ୍ ଅନ୍ତର୍ଗତ ପୂଜାରୀଗୁଡ଼ା ଗ୍ରାମର ଉମା ମାଝୀ ଓ କନେଶ୍ୱର ପୂଜାରୀ କୌଣସି କାମରେ ମୈଦଲପୁରକୁ ନିଜ ବାଇକ(ଓଡି୦୮କ୍ୟୁ-୧୬୮୧) ଯୋଗେ ଆସିଥିଲେ। ଫେରିବା ସମୟରେ ଉକ୍ତ ଘାଟି ନିକଟରେ ଭାରସାମ୍ୟ ହରାଇ ବାଇକଟି ରାସ୍ତା ତଳକୁ ଯାଇ ଗୋଟିଏ ଗଛକୁ ପିଟି ହୋଇଯାଇଥିଲା। କିଛି ଲୋକ ଦେଖିବା ପରେ ଉଭୟ ପୁଲିସ ଏବଂ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଉମା ମାଝୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ହର୍ଦ୍ଧଳି ଗାଁରେ ମଦ ବିକ୍ରି ବନ୍ଦ ପାଇଁ ମହିଳାଙ୍କ ଦାବି



**ବୋରିଗୁମ୍ମା,୨୮।୩(ସମିସ):** ବୋରିଗୁମ୍ମା ବ୍ଲକର ହର୍ଦ୍ଧଳି ଗାଁରେ ଶାନ୍ତି ରକ୍ଷା କରିବା ଏବଂ ସୁସ୍ଥ ପରିବେଶ ଗଠନ କରିବା ପାଇଁ ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ନେତୃତ୍ୱରେ ଅଣ୍ଟା ଭିଡ଼ିଛନ୍ତି ଗ୍ରାମର ମହିଳା ଓ ପୁରୁଷ। ଗାଁକୁ ପ୍ରଥମେ ନିଶାମୁକ୍ତ କରିବା ପାଇଁ ଅଭିନବ ପ୍ରୟାସ କରିଛନ୍ତି ଗ୍ରାମବାସୀ। ଶହ ଶହ ମହିଳା ଓ ପୁରୁଷ ଗାଁରେ ମଦ ବିକ୍ରି ବନ୍ଦ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ପାଇଁ ଗ୍ରାମରେ ଏକ ଶୋଭାଯାତ୍ରା କରାଯାଇଥିଲା। ସମସ୍ତ ଗ୍ରାମବାସୀଙ୍କ ଗ୍ରାମରେ ମଦ ବିକ୍ରି ବନ୍ଦ କରିବା ଓ ଗାଁ ନିଶାମୁକ୍ତ କରିବାକୁ ନାରା ଦେଇଥିଲେ। ଗାଁରେ ୨୦ରୁ ଊର୍ଦ୍ଧ୍ୱ ସ୍ଥାନରେ ମଦ ବିକ୍ରି ହେଉଥିଲା। ମଦ୍ୟପାନ ଯୋଗୁଁ ୨୦ରୁ ୩୦ ଜଣଙ୍କ ଜୀବନ ଯାଇଛି। ପରିବାରରେ ଗଣ୍ଡଗୋଳ ହେଉଛି। ମାରପିଟ ଏବଂ ଚୋରିହାରି ବଢୁଛି। ଏଣୁ ଗ୍ରାମବାସୀ ଏଭଳି ନିଷ୍ପତ୍ତି ନେଇଥିବା ମହିଳା ଓ ପୁରୁଷମାନେ କହିଛନ୍ତି। ସରପଞ୍ଚ ଭୀମ ଭାତଭୋଇଙ୍କ ନେତୃତ୍ୱରେ ଏହି ଅଭିଯାନ ଆରମ୍ଭ ହୋଇଛି। ଏନେଇ ପୂର୍ବରୁ ବୋରିଗୁମ୍ମା ଥାନା ଏବଂ ବୋରିଗୁମ୍ମା ଅବକାରୀ ଥାନାକୁ ଲିଖିତ ଭାବେ ଅବଗତ କରାଯାଇଛି ବୋଲି ସରପଞ୍ଚ ଭୀମ ଭାତଭୋଇ ସୂଚନା ଦେଇଛନ୍ତି। ସେପଟେ ଏହି ନିଷ୍ପତ୍ତିକୁ କେହି ନ ମାନିଲେ ତାଙ୍କ ବିରୋଧରେ ଦଣ୍ଡବିଧାନ କରାଯିବ ବୋଲି ମଧ ଗ୍ରାମବାସୀ କହିଛନ୍ତି।

## ଇକୋନୋମେଟ୍ରିକ୍ ମଡେଲିଂ-ବ୍ରିଜିଂ ଥିଓରୀ ଓ ଡାଟା ବିଶ୍ଳେଷଣ ଉପରେ ସ୍ୱତନ୍ତ୍ର ବକ୍ତୃତା

# ସିଦ୍ଧାନ୍ତ ଓ ବାସ୍ତବତା ମଧ୍ୟରେ ବ୍ୟବଧାନକୁ ଦୂର କରେ ଅର୍ଥନୀତି



**କୋରାପୁଟ,୨୮।୩(ସମିସ)**

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ ସୁନାବେଡ଼ାସ୍ଥିତ ଅର୍ଥନୀତି ବିଭାଗରେ ଇକୋନୋମେଟ୍ରିକ୍ ମଡେଲିଂ-ବ୍ରିଜିଂ ଥିଓରି ଏବଂ ଡାଟା ଆନାଲିସିସ୍ ଶୀର୍ଷକ ଏକ ସ୍ୱତନ୍ତ୍ର ବକ୍ତୃତା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବେ ପଞ୍ଜାବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅର୍ଥନୀତି ଅଧ୍ୟୟନ ବିଭାଗର ମୁଖ୍ୟ ପ୍ରଫେସର ପବିତ୍ର କୁମାର ମିଶ୍ର ଯୋଗଦେଇ ସିଦ୍ଧାନ୍ତ ଓ ବାସ୍ତବତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବାରେ ଅର୍ଥନୀତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ପରୀକ୍ଷାଗାର ଭିତ୍ତିକ ସିଦ୍ଧାନ୍ତ ଏବଂ ବାସ୍ତବ ଦୁନିଆର ଦୃଶ୍ୟ ମଧ୍ୟରେ ଅସମାନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅର୍ଥନୈତିକ ଇତିହାସର ପୁନଃମୂଲ୍ୟାୟନ ପାଇଁ ପରାମର୍ଶ ଦେଇ ତାତ୍ତ୍ୱିକ ଢାଞ୍ଚାକୁ ବ୍ୟାବହାରିକ ପ୍ରୟୋଗରେ ଅନୁବାଦ କରିବାରେ ଏହି କ୍ଷେତ୍ରର ମହତ୍ତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସକାରାତ୍ମକ ଏବଂ ଆଦର୍ଶ ଅର୍ଥନୀତି ମଧ୍ୟରେ ପାର୍ଥକ୍ୟ ଆଙ୍କି ସେ ଅର୍ଥନୀତିର ବିକଶିତ ପରିଦୃଶ୍ୟ ଏବଂ ସମସାମୟିକ ସାମାଜିକ ଆହ୍ୱାନର ସମାଧାନ ପାଇଁ ଏହାର ପ୍ରଭାବ ବିଷୟରେ ବର୍ଣ୍ଣନା କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଓ ରେଜିଷ୍ଟ୍ରାର ପ୍ରଫେସର ଏନ୍.ସି ପଣ୍ଡାଙ୍କ ଶୁଭେଚ୍ଛା ସହ ବକ୍ତୃତା ଆରମ୍ଭ ହୋଇଥିଲା। ଅର୍ଥନୀତି ବିଭାଗର ମୁଖ୍ୟ ଡ. ମିନତୀ ସାହୁ ସ୍ୱାଗତ କରିବା ସହ ସମ୍ମାନିତ ଅତିଥି ଓ ଆଲୋଚନାର ବିଷୟବସ୍ତୁ ଉପରେ ପରିଚୟ ପ୍ରଦାନ କରିଥିଲେ। ଏହି ଅଧିବେଶନରେ ବିଭିନ୍ନ ବିଭାଗର ଅଧ୍ୟାପକ, ଛାତ୍ରଛାତ୍ରୀ ଏବଂ ଗବେଷକ ବିଦ୍ୟାର୍ଥୀ, ରିସୋର୍ସ ପର୍ସନ ଓ ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଅର୍ଥନୀତି ବିଭାଗର ସହକାରୀ ପ୍ରଫେସର ଡ. ବିଶ୍ୱଜିତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଅର୍ଥନୀତି ବିଭାଗର ପିଏଚଡି ସ୍କଲାର ମନୀଷା ଗୁପ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


Format C-7

(for political parties to publish in the newspaper, social media platforms & website of the party)

Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates

(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)

Name of the Political Party: BIJU JANATA DAL

Name of the Election: GENERAL ELECTIONS TO THE STATE LEGISLATIVE ASSEMBLY OF ODISHA -2024

Name of the State: ODISHA

(1) Name of the Constituency - 76- DABUGAM AC

Name of the Candidate – SHRI MANOHAR RANDHARI

| Sl. No. | | | |
|---|---|---|---|
| 1. | Criminal Antecedents | | |
| | a. | Nature of the Offence | i. Non bailable<br>ii. Non bailable<br>iii. Non bailable<br>iv. Bailable |
| | b. | Case No. | i. GR 150/2010<br>ii. GR 1022/2016<br>iii. GR 902/2017<br>iv. 2 (c) CC 3/16 |
| | c. | Name of the Court | i. JMFC (Special Court Bhubaneswar)<br>ii. JMFC (Special Court Bhubaneswar)<br>iii. JMFC (Special Court Bhubaneswar)<br>iv. JMFC, Kotpad |
| | d. | Whether charges have been framed or not (Yes/No) | i. Yes<br>ii. Yes<br>iii. Yes<br>iv. Yes |
| | e. | Date of Conviction, if any | i. N.A.<br>ii. N.A.<br>iii. N.A.<br>iv. N.A. |
| | f. | Details of punishment undergone, if any | N.A. |
| | g. | Any other information required to be given | All the cases are pending for trial. |
| 2. | The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words) | | The candidate is deeply involved in social service, since long, having huge public contact being associated with different socio cultural organisations and moreover has already work as a Member of Legislative Assembly to the State of Odisha, and hence having much popularity in locality as well as amongst the general public of the State of Odisha. |
| 3. | Reasons as to why other individuals without criminal antecedents could not be selected as candidates (not more than 100 words) | | In consideration of his above merits, his selection as a candidate to the Odisha State Assembly is more justified than other individuals without criminal antecedents. |

(2) Name of the Constituency - 76- DABUGAM AC

Name of the Candidate – SHRI MANOHAR RANDHARI

........................................................................ and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

SD/-
DR. SASMIT PATRA
GENERAL SECRETARY.

